ସମ୍ବାଦ ଖେଳ
ଭୁବନେଶ୍ୱର
୧ ଅଗଷ୍ଟ, ୨୦୧୫

# ସ୍ପୋର୍ଟସଲଗ୍‌ଅନ୍ ପତ୍ରିକା ଉନ୍ମୋଚିତ



ଭୁବନେଶ୍ୱର, ୩୧।୭ (ଇମିସ): ଗୁଡ ସମାରିଟାନ୍ ଟ୍ରଷ୍ଟ ପରିଚାଳିତ ରାଜ୍ୟର କ୍ରୀଡ଼ାଭିତ୍ତିକ ୱେବ୍‌ସାଇଟ୍ 'ସ୍ପୋର୍ଟସଲଗ୍‌ଅନ୍' ପକ୍ଷରୁ ପ୍ରକାଶିତ ଷାଣ୍ମାସିକ ପତ୍ରିକା ଶୁକ୍ରବାର ଉନ୍ମୋଚିତ ହୋଇଛି। ଅନୁଗୁଳ ସୁକିନ୍ଦା ରେଳ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ଏହାକୁ ଆନୁଷ୍ଠାନିକଭାବେ ଉନ୍ମୋଚନ କରିଥିଲେ। ସମ୍ପାଦକ ତନ୍ମୟ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ଅନ୍ତର୍ଜାତୀୟ ଆଥ୍‌ଲେଟ୍ ଅମିୟ ମଲ୍ଲିକ ଏବଂ ହକି ଗାଙ୍ଗପୁର ସମ୍ପାଦକ ଦେବାଶିଷ ଗୌଡ଼ା ଉପସ୍ଥିତ ଥିଲେ। ରାଜ୍ୟରେ କ୍ରୀଡ଼ା ଆଗଧାଡିର ବିଷୟ ହୋଇ ନ ଥିଲେ ମଧ୍ୟ ଆମେ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିପାରିଛୁ ବୋଲି ଶ୍ରୀ ସାମନ୍ତରାୟ ପ୍ରକାଶ କରିଥିଲେ। ହକି, ଆଥ୍‌ଲେଟିକ୍ସ, ରୋଇଂ ଏବଂ ମହିଳା ଫୁଟ୍‌ବଲ୍‌ରେ ଓଡ଼ିଆ ପିଲା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି ବୋଲି ଶ୍ରୀ ସାମନ୍ତରାୟ ପ୍ରକାଶ କରିଥିଲେ। ରାଜ୍ୟର ଖେଳାଳିମାନଙ୍କୁ ଲାଗି ଅଧିକରୁ ଅଧିକ ପ୍ରକାଶ୍ୟର ଆବଶ୍ୟକତା ରହିଛି, ବିଭିନ୍ନ ସରକାରୀ ଓ ବେସରକାରୀ ଉଦ୍ୟୋଗର ସହଯୋଗ ଲୋଡା ବୋଲି ଶ୍ରୀ ଗୌଡ଼ା ପ୍ରକାଶ କରିଥିଲେ। ଖେଳାଳିମାନେ ସମାଜର ଶ୍ରେଷ୍ଠ ବ୍ୟକ୍ତିତ୍ୱ ହକ୍‌ଦାର ବୋଲି ମତ ଦେଇଥିଲେ ଅନ୍ତର୍ଜାତୀୟ ଆଥ୍‌ଲେଟ୍ ଅମିୟ ମଲ୍ଲିକ।

ସମାଜ 95
ଖେଳ
୧ ଅଗଷ୍ଟ ୨୦୧୫
୧୯

# ସ୍ପୋର୍ଟସଲଗ୍‌ଅନ କ୍ରୀଡ଼ାପତ୍ରିକା ଉନ୍ମୋଚିତ



ଭୁବନେଶ୍ୱର, ୩୧।୭ (ନିପ୍ର)- କ୍ରୀଡ଼ା ୱେବ୍‌ସାଇଟ ସ୍ପୋର୍ଟସଲଗ୍‌ଅନ ପକ୍ଷରୁ କ୍ରୀଡ଼ା ପତ୍ରିକା ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଅନୁଗୋଳ ସୁକିନ୍ଦା ରେଲୱେ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ଏହି ପତ୍ରିକାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଆନ୍ତର୍ଜାତିକ ଆଥ୍‌ଲେଟ୍ ଅମୀୟ ମଲ୍ଲିକ, ହକି ଗାଙ୍ଗପୁରର ସମ୍ପାଦକ ଦେବାଶିଷ ଗୌଡ଼ ଓ ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଖେଳପ୍ରଭା
ଶନିବାର, ୧ ଅଗଷ୍ଟ ୨୦୧୫

ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ସ୍ପୋର୍ଟ୍ସଲଗଅନ୍ କ୍ରୀଡ଼ା ପତ୍ରିକା ଉନ୍ମୋଚିତ

।। ପ୍ରଭାନ୍ୟୁଜ୍ ।।
ଭୁବନେଶ୍ୱର, ୩୧।୭

ରାଜ୍ୟର ଅନ୍ୟତମ ପ୍ରମୁଖ କ୍ରୀଡ଼ା ୱେବସାଇଟ୍ ସ୍ପୋର୍ଟ୍ସଲଗଅନ୍‌ର କ୍ରୀଡ଼ା ପତ୍ରିକା ଉନ୍ମୋଚିତ ହୋଇଛି । ଗୁଡ ସାମାରିଟାନ୍ ଟ୍ରଷ୍ଟ ପରିଚାଳିତ ସ୍ପୋର୍ଟ୍ସଲଗଅନ୍ ପ୍ରସ୍ତୁତ ପତ୍ରିକାକୁ ଅନୁଗୁଳ ସୁକିନ୍ଦା ରେଲୱେ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ ଉନ୍ମୋଚନ କରିଛନ୍ତି । ଏ ଅବସରରେ ପତ୍ରିକାର ସମ୍ପାଦକ ତନ୍ମୟ ଦାସ, ହକି ଗାଙ୍ଗପୁର ସମ୍ପାଦକ ଦେବାଶିଷ ଗୌଡ଼ା ଓ ରାଜ୍ୟର ପ୍ରତିଭା ସମ୍ପନ୍ନ ଆଥଲେଟ୍ ଅମୀୟ ମଲ୍ଲିକ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଶ୍ରୀ ସାମନ୍ତରାୟ କହିଛନ୍ତି, ସଂପ୍ରତି ଆମ ରାଜ୍ୟ ଖେଳାଳି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରୁଛନ୍ତି । ମୁଁ ଆଶା କରୁଛି, ଏହି ପତ୍ରିକା ସେମାନଙ୍କ ସଫଳତାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଉତ୍ସାହିତ କରିବ । ଦେବାଶିଷ ଗୌଡ଼ା ଓ ଅମୀୟ ମଲ୍ଲିକ ମଧ୍ୟ ପତ୍ରିକାକୁ ଭୂୟସୀ ପ୍ରଶଂସା କରିଛନ୍ତି ।



Printed, Published & Owned by **Bikash Swain**, Printed at Mallhar Publications, D-1/1, Sector A, Zone-D, Mancheswar Industrial Estate, Bhub
Janpath, Kharvel Nagar, Bhubaneswar-01, Phone : 0674-2575726, 2572746, 2380647, Fax : 0674-2572745,2380555 E-mail : newsurya